# କୃଷି ସୂଚନା ସେବା (ଧାନ)

# ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୧୮ ମସିହା ଡିସେମ୍ବର ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ❖ ଧାନ ଅମଳ ପରେ ସାଇତି ରଖିବା ଏବଂ ନିଜେ ବ୍ୟବହାର କରିବା ପାଇଁ ଶତକଡା ୧୪ ଭାଗ ଜଳୀୟ ଅଂଶ ଥିବା ପର୍ଯ୍ୟନ୍ତ ଶୁଖାଇ ରଖନ୍ତୁ । ମାତ୍ର ବିହନ ପାଇଁ ରଖିବାକୁ ଥିଲେ ଶତକଡା ୧୨ ଭାଗ ଜଳୀୟ ଅଂଶ ଥିବା ପର୍ଯ୍ୟନ୍ତ ଶୁଖାଇ ରଖନ୍ତୁ । ବିହନକୁ ଭଲଭାବରେ ସାଇତି ରଖିବା ପାଇଁ ସୁପର ଗ୍ରେନ୍ ବ୍ୟାଗ୍ ବ୍ୟବହାର କରନ୍ତୁ ।

- ❖ ଖରାଦିନିଆ ରୁଆ ଧାନ ଚାଷ ନିମନ୍ତେ ଭଲ ଧାନ ବିହନ ସଂଗ୍ରହ କରନ୍ତୁ । ଧାନ କିସମ ଯଥା- ସି.ଆର୍.ଧାନ-୩୦୩, ସି.ଆର୍.ଧାନ-୩୦୪, ସି.ଆର୍.ଧାନ-୬୦୧, ଲଲାଟ, ଉନ୍ନତ ଲଲାଟ, ନବୀନ, ବୀଣାଧାନ-୧୧, ସି.ଆର୍.ଧାନ-୩୧୦, ସି.ଆର୍.ଧାନ-୨୦୩, ସି.ଆର୍.ଧାନ-୨୦୨, ସି.ଆର୍.ଧାନ-୨୦୫, ସି.ଆର୍.ଧାନ-୨୦୬, MTU-୧୦୦୧, MTU-୧୦୧୦, ଶତାବ୍ଦୀ ଇତ୍ୟାଦି ବ୍ୟବହାର କରନ୍ତୁ । ଉପକୂଳିଆ ଲୁଣି ଅଞ୍ଚଳ ପାଇଁ ଲୁଣାସଂଖୀ କିସମ ବ୍ୟବହାର କରନ୍ତୁ । ଏଥିସହିତ ସଙ୍କର କିସମ ଧାନ ଯଥା ଅଜୟ, ରାଜଲକ୍ଷ୍ମୀ ମଧ ବ୍ୟବହାର କରିପାରିବେ । ସିଧା କାଦୁଅ ବୁଣା କରିବା ପାଇଁ ନବୀନ, ଶତାବ୍ଦୀ, ଉନ୍ନତ ଲଲାଟ, ଏବଂ ସି.ଆର୍.ଧାନ-୨୦୩ ଇତ୍ୟାଦି ବ୍ୟବହାର କରନ୍ତୁ ।

- ❖ ଆର୍ଦ୍ର ତଳିଘରା ପାଇଁ ୧୨୦ ସେ.ମି. ପ୍ରସ୍ଥ ଓ ସୁବିଧା ଅନୁଯାୟୀ ଲମ୍ବା ତଳି ପଟାଳିମାନ ପ୍ରସ୍ତୁତ କରନ୍ତୁ । ଦୁଇ ତଳି ପଟାଳି ମଧ୍ୟରେ ୩୦ ସେ.ମି. ବ୍ୟବଧାନର ନାଳି ରଖନ୍ତୁ । ଏକ ଏକର ଜମିରେ ରୁଆ ଧାନ କରିବା ପାଇଁ ୨୪୦ ରୁ ୩୨୦ ବର୍ଗମିଟର ତଳିଘରା ପ୍ରସ୍ତୁତ କରନ୍ତୁ ।

- ❖ ଯନ୍ତ୍ରପାତି ଦ୍ୱାରା ତଳିରୁଆ କରିବା ପାଇଁ ମୁଖ୍ୟ ଜମିରେ ରୋଇବାର ଦୁଇ ସପ୍ତାହ ପୂର୍ବରୁ ମଶିଣା ତଳିଘରା ପ୍ରସ୍ତୁତ କରନ୍ତୁ ।

- ❖ ଅଧିକ ଶୀଘ୍ର ତଳି ବଢ଼ିବା ପାଇଁ ୪୦ ବର୍ଗମିଟର ତଳିଘରାରେ ୨ ଝୁଡ଼ି ଗୋବର ଖାତ ସହିତ ଯବକ୍ଷାରଜାନ:ଫସ୍‌ଫରସ୍:ପଟାସ୍ ସାରକୁ ୧୦:୧୫:୨୦ ଗ୍ରାମ୍ ଅନୁପାତରେ ପ୍ରତି ବର୍ଗମିଟର ହିସାବରେ ବ୍ୟବହାର କରନ୍ତୁ ।

- ❖ ଏକ ଏକର ରୁଆ ଧାନ ନିମନ୍ତେ ଅଧିକ ଅମଳକ୍ଷମ ଧାନ ପାଇଁ ୧୪ ରୁ ୧୬ କି.ଗ୍ରା. ଏବଂ ଶଙ୍କର କିସମ ନିମନ୍ତେ ୫ ରୁ ୬ କି.ଗ୍ରା. ପୂର୍ବରୁ ଗଜା ହୋଇଥିବା ବିହନ ବ୍ୟବହାର କରନ୍ତୁ ।

- ❖ ତଳିଘରାରେ ବିହନ ବୁଣିବା ପୂର୍ବରୁ ୧ କି.ଗ୍ରା. ଧାନ ବିହନ ପାଇଁ ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦ ଡବ୍ଲୁ.ପି.ଏକ ଲିଟର ପାଣି ହିସାବରେ ଦ୍ରବଣ ପ୍ରସ୍ତୁତ କରି ବିହନକୁ ବିଶୋଧନ କରନ୍ତୁ । ଶୁଖିଲା ବିହନ ବିଶୋଧନ କରିବା ପାଇଁ ୧ କି.ଗ୍ରା. ଧାନ ବିହନ ପାଇଁ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦ ଡବ୍ଲୁ.ପି. ବ୍ୟବହାର କରନ୍ତୁ ।

- ❖ ତଳିଘରାକୁ ଅଧିକ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ ତଳିଘରା ଉପରେ ଗୋବର ଖତର ଏକ ପତଳା ସ୍ତର ପକାନ୍ତୁ । ସକାଳ ସମୟରେ ତଳିଘରାରେ ପାଣି ସିଞ୍ଚନ କରନ୍ତୁ । ରାତିରେ ଥଣ୍ଡା ଅଧିକ ହେଲେ ତଳିଘରାକୁ ପଲିଥିନ୍ ସାହାଯ୍ୟରେ ଘୋଡାଇ ରଖନ୍ତୁ ।

- ❖ ତଳିଘରାକୁ ନାଳିରେ ପାଣି ମଡାନ୍ତୁ । ତଳି ଉପାଡିବାର ୨ ରୁ ୩ ଦିନ ପୂର୍ବରୁ ତଳିଘରାରେ ୨ ରୁ ୩ ସେ.ମି. ଠିଆ ପାଣି ରଖନ୍ତୁ ।

- ❖ ତଳି ଘରାରେ ଘାସ ନିୟନ୍ତ୍ରଣ ପାଇଁ ଧାନ ବୁଣିବାର ୫ ରୁ ୭ ଦିନ ପରେ ପାଇରାଜୋସଲଫ୍ୟୁରାନ୍ ଇଥାଇଲ ୧୦% ଡବ୍ଲ୍ୟୁ.ପି. ଘାସମରା ଔଷଧକୁ ଏକର ପିଛା ୮୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ ।

******